# Akashvani, Sambalpur

## SAMBALPURI NEWS BULLETIN

### 27 September 2025 – 6.47- 6.52 am.

*********************************************

ପ୍ରଧାନ୍‌ମନ୍ତ୍ରୀ- ଝାର୍‌ସୁଗୁଡ଼ା          I&PR

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ଝାର୍‌ସୁଗୁଡ଼ା ଗସ୍ତଥି ଆସିକରି ଅମ୍‌ଲିପାଲି ପଡ଼ିଆ ନ ହେବାର୍‌କେ ଥିବା ଯୁବ ସମାବେଶ୍‌ଥି ଯୋଗ୍ ଦେବେ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ଜନସଭାକେ ସମ୍ବୋଧନ୍ କର୍‌ବାର୍ ସହେତେ ୬୦ ହଜାର୍ କୋଟି ଟଙ୍କାର୍ ଭିନ୍ ଭିନ୍ ପ୍ରକଳ୍ପର୍ ଶିଲାନ୍ୟାସ୍ ଆଉ ଶୁଭାରମ୍ଭ କର୍‌ବେ । ଇଥି ଦୂରସଂଚାର୍, ରେଲ୍‌ବାଇ, ଉଚ୍ଚଶିକ୍ଷା, ସ୍ୱାସ୍ଥ୍ୟସେବା, ଦକ୍ଷତା ବିକାଶ୍ ସହେତେ ଗ୍ରାମ୍ୟ ଆଉ ଗୃହନିର୍ମାଣ ପ୍ରକଳ୍ପମାନ୍ ରହିଛେ । ସଭାସ୍ଥଲ୍‌ନୁ ଆକାଶ୍‌ବାଣୀ ସମ୍ବଲ୍‌ପୁର୍‌ର ବାର୍ତା ସମ୍ପାଦକ ଆଲୋକ ଚନ୍ଦ୍ର ବାରିକ୍ ଇ ବାବ୍‌ଦେ ସୂଚ୍‌ନା ଦେଇକରି କହିଛନ୍....

(ଭଏସ୍ ଓଭର୍- ଆଲୋକ ଚନ୍ଦ୍ର ବାରିକ୍)

ପ୍ରଧାନ୍‌ମନ୍ତ୍ରୀ ମଏଧାନର୍ ୧୧ ବାଜିକରି ୧୦ ମିନିଟ୍‌ଥି ଝାର୍‌ସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ୍ ବନ୍ଦର୍‌ଥି ପୁହୁଁଚିବେ । ସେନୁ ସିଧାସଳଖ୍ ଅମଲିପାଲି ସଭାଜାଗାକେ ଯିବେ । ୧୧ ବାଜିକରି ୨୫ ମିନିଟ୍‌ଥି

ସଭାସ୍ଥଲ୍‌କେ ପୁହୁଁଚିବେ । କାର୍ଯ୍ୟକ୍ରମ୍ ସାରିକରି ୧୨ ବାଜିକରି ୪୫ ମିନିଟ୍ ବେଲ୍‌କେ ପ୍ରଧାନ୍‌ମନ୍ତ୍ରୀ ନୂଆଦିଲ୍ଲୀ ଫିର୍‌ବାର୍ କାର୍ଯ୍ୟସୂଚୀ ରହିଛେ ।

ଜାତୀୟ ମଧ୍ୟସ୍ଥତା ସମ୍ମିଳନୀ I&PR

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ଆଏଜ୍ ଜାତୀୟ ମଧ୍ୟସ୍ଥତା ସମ୍ମିଳନୀ ମୁଲ୍ ହେବା । ସୁପ୍ରିମ୍‌କୋର୍ଟ ପ୍ରଧାନ୍ ବିଚାର୍‌ପତି ଜଷ୍ଟିସ୍ ବି.ଆର୍. ଗବାଇ ଇ ୨ ଦିନିଆ ସମ୍ମିଳନୀକେ ଉଦ୍‌ଘାଟନ୍ କର୍‌ବେ । କାର୍ଯ୍ୟକ୍ରମ୍‌ଥି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, କେନ୍ଦ୍ର ଆଇନ୍ ଆଉ ନ୍ୟାୟ ବିଭାଗ୍ ମନ୍ତ୍ରୀ ଅର୍ଜୁନ୍ ରାମ୍ ମେଘ୍‌ୱାଲ୍, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍, ଜାତୀୟ ଆଇନ୍‌ସେବା କର୍ତ୍ତୃପକ୍ଷ ଅଧ୍ୟକ୍ଷ ଆଉ ସୁପ୍ରିମ୍‌କୋର୍ଟର ବିଚାର୍‌ପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଓଡ଼ିଶା ହାଇକୋର୍ଟ ବିଚାର୍‌ପତି ଜଷ୍ଟିସ୍ ହରିଶ୍ ଟଣ୍ଡନ୍ ଆଉ ରାଜ୍ୟ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍‌ଙ୍କର୍ ସହେତେ ବହୁତ୍ ବରିଷ୍ଠ ବିଚାର୍‌ପତି ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ । ଇ ସମ୍ମିଳନୀଥି ଭିନ୍ ଭିନ୍ ମାମ୍‌ଲାର୍ ମଧ୍ୟସ୍ଥତା ଜରିଏ କେନ୍ତା କରି ସମାଧାନ୍ କରାଯାଇପାର୍‌ବା ସେ ବାବ୍‌ଦେ ଆଲୋଚନା କରାଯିବା ବଲି ଆଇନ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ମନ୍ କି ବାତ୍          ଆର୍ଏନ୍ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ଦିନର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୬ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ଆଏବାକାଏଲ୍ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ରାଜ୍ୟ ସର୍‌କାରୀ କର୍ମଚାରୀ-ମହଙ୍ଗାଭତା/ଆର୍ଏନ୍ୟୁ ସମ୍ବଲପୁର

ରାଜ୍ୟ ସର୍କାର୍ ରାଜ୍ୟର୍ ସର୍କାରୀ ଉଦ୍ୟୋଗ୍ କର୍ମଚାରୀଙ୍କର୍ ମହଙ୍ଗାଭତା ୨ ପ୍ରତିଶତ୍ ବଢ଼େଇଛନ୍ । ଇ ବାବଦ୍ ଗୁଟେ ପ୍ରସ୍ତାବ୍‌କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ ଅନୁମୋଦନ୍ କରିଛନ୍ । ସର୍କାରୀ ଉଦ୍ୟୋଗ୍ କର୍ମଚାରୀମାନେ ଏଥର ୫୫ ପ୍ରତିଶତ ଭତା ପାଏବେ । ଇଟା ପିଛିଲା ଭାବେ ଗଲା ଜାନୁଆରୀ ମାସ୍‌ନୁ ଲାଗୁ ହେବା ।

ଶିକ୍ଷା ବିଭାଗ୍‌ର ଅଧିକାରୀ-ବଦ୍‌ଲି ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସର୍କାର୍ ଶିକ୍ଷା ବିଭାଗ୍‌ର ଅଧିକାରୀମାନ୍‌କର୍ ଫି' ୩ ବଛରେ ବଦ୍‌ଲିକେ ବାଧ୍ୟତାମୂଲକ୍ କରିଛନ୍ । ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ତର୍‌ଫୁ ବାହାରିଥିବା ବିଜ୍ଞପ୍ତି ଅନ୍‌ସାରେ ବିଭାଗ୍‌ର ଇ ବଛର୍ ୫୦ ପ୍ରତିଶତ୍ ଆଉ ଆଏବା ବଛର୍ ବାକି ଅଧିକାରୀମାନ୍‌କର୍ ବଦ୍‌ଲି କରାଯିବା । ନିଜର୍ ଜିଲ୍ଲା କି ବ୍ଲକ୍ ନ କେନ୍‌ସି ଅଧିକାରୀ କାମ୍ କରି ନାଇଁ ପାରନ୍ । ଚାକିରୀ ୨ ବଛର୍ ବାକିଥିବା ଅଧିକାରୀମାନ୍‌କର୍ କ୍ଷେତ୍ରଥି ଇ ନିୟମ୍ ଲାଗୁ ନାଇଁ ହୁଏ । ସେନ୍ତା ଇ ନିୟମ୍ ଶିକ୍ଷକ୍‌ମାନ୍‌କର୍ ଲାଗି ଭିଲ୍ ଲାଗୁ ନାଇଁ ହୁଏ ।

ହୋମ୍ ଷ୍ଟେ ବ୍ୟବସ୍ଥା ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ପର୍ଯ୍ୟଟନ୍‌ର ବିକାଶ୍ ଲାଗି ସର୍‌କାର୍ ପର୍ଯ୍ୟଟନ୍ ସ୍ଥଳୀପାଖେ ଥିବା ଗାଁମାନ୍‌କେ ପର୍ଯ୍ୟଟକ ମାନ୍‌କର୍ ଲାଗି ଘର୍‌ମାନ୍‌କେ ରହେବାର୍ ବ୍ୟବସ୍ଥା କର୍‌ବାର୍‌କେ ଯାଉଛେ । ଇ ହୋମ୍‌ଷ୍ଟେ ବ୍ୟବସ୍ଥା ଲାଗି ୨୦୨୯-୩୦ ଆର୍ଥିକ୍ ବଛର୍‌ତକ୍ ରାଜ୍ୟ ସର୍‌କାର୍ ୫୦ କୋଟି ଟଙ୍କା ଖର୍ଚ୍ଚା କର୍‌ବେ । ଯୋଜ୍‌ନାଥି ୪ ଶହ ୫୦ ନୂଆଁ ଗୃହ ନିବାସ୍ ତିଆର୍ କରାଯିବା ।

ସେବା ପର୍ବ            ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ଦେଶର୍ ସାଂସ୍କୃତିକ୍ ଯାତ୍ରା ରୋଚକ୍ ହେବାର୍ ସହେତେ ପରମ୍ପରା ସାଙ୍ଗେ ଜୁଡ଼ି ହେଇକରି ବିଶ୍ୱସ୍ତର୍‌କେ ପୁହୁଁଚିପାରିଛେ । ଚୋରି ହେଇଥିବା ଦେଶର୍ ପୁର୍‌ନା ଆଉ ଅମୂଲ୍ୟ ଐତିହ୍ୟ ବିଦେଶ୍‌ନୁ ଫିରିଛେ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

୨୦୧୪ ମସିହାନୁ ଏବ୍‌ତକ୍ ୬ ଶହ ୪୨ ଟା ଚୋରି ହେଇଥିବା ପୁର୍‌ନା ଐତିହ୍ୟ କୁଟନୈତିକ୍ ଚେରେଷ୍ଟାଥି ବିଦେଶ୍‌ନୁ ଅନାଯାଇଛେ । ଯେନ୍‌ଟାକି ସେଥିର୍‌ଭିତ୍‌ରୁ ଇ ବଛର୍ ଫିରା ହେଇଥିବା ଭଗବାନ୍ ବୁଦ୍ଧଙ୍କର୍ ଖ୍ରୀଷ୍ଟପୂର୍ବ ୩ ଶହ ଶତାବ୍ଦୀର୍ ପିପ୍ରାୱା ଅବଶେଷ୍ ଭାରତ୍ ଲାଗି ବହୁତ୍ ଅମୂଲ୍ୟ ଥିଲା । ସେନ୍ତା ବ୍ରିଟେନ୍ ନୁ ବ୍ରହ୍ମା ଆଉ ବ୍ରହ୍ମାଣୀଙ୍କର୍ ପ୍ରତିମୂର୍ତ୍ତି,

ଆମେରିକାନୁ ଦୁର୍ଗା ଆଉ ନଟ୍‌ରାଜ୍, ଅଷ୍ଟ୍ରେଲିଆନୁ ବୁଦ୍ଧ ବାଗିର୍ ଚୋରି ହେଇଥିବା ବହୁତ୍‌ଟେ ପ୍ରତିମୂର୍ତ୍ତି ଭିନ୍ ଭିନ୍ ଦେଶ୍‌ନୁ ଭାରତ୍‌କେ ଅନାଯାଇଛେ ।

ରାଜ୍ୟସ୍ତରୀୟ ତୀରନ୍ଦାଜ୍ ପ୍ରତିଯୋଗିତା   କଲାହାଣ୍ଡି ସମ୍ବାଦଦାତା

ସୁନ୍ଦର୍‌ଗଡ୍ ଜିଲ୍ଲା ନ ହେଇଥିବା ରାଜ୍ୟସ୍ତରୀୟ ତୀରନ୍ଦାଜ୍ ପ୍ରତିଯୋଗିତାଥି କଲାହାଣ୍ଡି ଜିଲ୍ଲାର୍ ଛାତ୍ରଛାତ୍ରୀମାନେ ୮ ଟା ସ୍ୱର୍ଣ୍ଣ, ୩ ଟା ରୌପ୍ୟ ଆଉ ଗୁଟେ କାଂସ୍ୟ ପଦକ୍ ଜିତିଛନ୍ । ଇ ଛାତ୍ରଛାତ୍ରୀମାନ୍‌କୁ ଗଲାକାଏଲ୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ସମ୍ବର୍ଦ୍ଧିତ୍ କରାଯାଇଛେ । ଜିଲ୍ଲାପାଲ୍ ସଚିନ୍ ପାୱାର୍ ପ୍ରକାଶ୍ ସମ୍‌କୁ ସମ୍ବର୍ଦ୍ଧିତ୍ କରିକରି ପଦକ୍ ବିଜେତା ମାନ୍‌କୁ ଆର୍ଥିକ୍ ପୁରସ୍କାର୍ ଦେଇଛନ୍ ।

ପାଣିପାଗ      ସମ୍ବଲପୁର ସମ୍ବାଦଦାତା

ବଙ୍ଗୋପ୍‌ସାଗର୍ ନ ସକ୍ରିୟ ହେଇଥିବା ଘୂର୍ଣ୍ଣିବଳୟ - ଲଘୁଚାପ୍‌ଥି ବଦ୍‌ଲିବାର୍ ଉତ୍‌ରୁ ଆଏଜ୍ ଉତର୍ ପଶ୍ଚିମ ଆର୍ ତାର୍ ପାଖର୍ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପ୍‌ସାଗର୍ ପାଖେ ଅବପାତ ରୂପ୍ ନେଇଛେ । ଇତାର୍ ପ୍ରଭାବ୍‌ଥି ଆଏବା ସୋମ୍‌ବାର୍‌ତକ୍ ରାଏଜେ ଜବର୍ ବର୍ଷା ହେଇପାରେ

ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।  ଆଏବା ୨୪ ଘଂଟା ଭିତ୍‌ରେ ସବୁ ଜିଲ୍ଲା ନ ଘଡ଼ିଘଡ଼ି ସହେତେ ବର୍ଷା ହେବା ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍ ନୁ  ଆଏଜ୍ ୨୦ ଟା ଗେଟ୍ ଦେଇକରି ବଏଢ଼୍ ପାଏନ୍ ଛଡ଼ାଯାଉଛେ ।